# NATIONAL NEWS BULLETIN (ODIA)

## 9 September - 2024

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଭାରତ ଓ ୟୁଏଇ ମଧ୍ୟରେ ୫ଟି ଚୁକ୍ତିନାମା ସ୍ୱାକ୍ଷରିତ ହେଲା ।
- ପଦ୍ମ ପୁରସ୍କାର ପାଇଁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱଙ୍କୁ ମନୋନୀତ କରିବା ପାଇଁ ଆହ୍ୱାନ କଲେ ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀରେ ୫୪ତମ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ।
- ଲଜିଷ୍ଟିକ୍ସ ଅପରେସନ ପାଇଁ କର୍ମଚାରୀଙ୍କ ଦକ୍ଷତା ଓ ସାମର୍ଥ୍ୟ ବୃଦ୍ଧି ପାଇଁ ଭାରତୀୟ ସେନା ଏବଂ ବାୟୁସେନା' ଗତିଶକ୍ତି ବିଶ୍ୱବିଦ୍ୟାଳୟ ସହ ସ୍ୱାକ୍ଷରିତ କଲା ବୁଝାମଣାପତ୍ର ।

ଏବଂ

- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ବିଜେପି ଓ ଜେଡିୟୁ ମଧ୍ୟରେ ହେବ ଆସନ ବୁଝାମଣା ।

# ୟୁଏଇ କ୍ରାଉନ୍ ପ୍ରିନ୍ସ ଭିଜିଟ୍

ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆବୁଧାବିର କ୍ରାଉନ ପ୍ରିନ୍ସ ଶେଖ୍ ଖାଲିଦ ବିନ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହୟାନ୍‌ଙ୍କ ମଧ୍ୟରେ ଆଲୋଚନା ପରେ ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ୫ଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଉଭୟ ଦେଶ ପରମାଣୁ ଶକ୍ତି ଓ ପେଟ୍ରୋଲିୟମ ସମେତ ବିଭିନ୍ନ କ୍ଷେତ୍ରରେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷରିତ କରିଛନ୍ତି। ଏମିରେଟ୍ସ ନ୍ୟୁକ୍ଲିୟର ଏନର୍ଜି କମ୍ପାନୀ ଏବଂ ନ୍ୟୁକ୍ଲିୟର ପାୱାର କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ ମଧ୍ୟରେ ବାରାକା ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ଅପରେସନ ଏବଂ ରକ୍ଷଣାବେକ୍ଷଣ ଉପରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ଆବୁଧାବି ନ୍ୟାସନାଲ ଅଏଲ କମ୍ପାନୀ ଏବଂ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ମଧ୍ୟରେ ଦୀର୍ଘମିଆଦୀ ଏଲ୍ଏନ୍‌ଜି ଯୋଗାଣ ହୋଇପାରିବ। ଉଭୟ ନେତା ବହୁମୁଖୀ ଭାରତ-ୟୁଏଇ ସମ୍ପର୍କରେ ରଣନୈତିକ ଭାଗିଦାରୀକୁ ବ୍ୟାପକ କରିବାକୁ ଆଲୋଚନା କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ନରେ ରାଷ୍ଟ୍ରପତି ଭବନରେ ଆବୁଧାବିର କ୍ରାଉନ ପ୍ରିନ୍ସଙ୍କୁ ଭେଟିଛନ୍ତି। ଏହି ଅବସରରେ ଭାରତ ଓ

ୟୁଏଇ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ସେ ପ୍ରଶଂସା କରିଛନ୍ତି । କ୍ରାଉନ୍ ପ୍ରିନ୍ସ’ ରାଜଘାଟଠାରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ପରେ ସେଠାରେ ପ୍ରଥମ ଥର ପାଇଁ ଗୋଟିଏ ଦେଶର ତିନି ପିଢ଼ିର ନେତା ମହାତ୍ମା ଗାନ୍ଧୀଙ୍କ ପରମ୍ପରାକୁ ସମ୍ମାନ ଜଣାଇ ବୃକ୍ଷରୋପଣ କରିଛନ୍ତି ।

## ପିଏମ୍ ପିପୁଲ୍ସ ପଦ୍ମ

ପଦ୍ମ ପୁରସ୍କାର ପାଇଁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱଙ୍କୁ ମନୋନୀତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧିକରୁ ଅଧିକ ଲୋକଙ୍କୁ ଆହ୍ୱାନ କରିଛନ୍ତି । ଚଳିତ ମାସ ୧୫ ତାରିଖ ହେଉଛି ଏହି ପୁରସ୍କାର ପାଇଁ ନାମାଙ୍କନ ଦାଖଲର ଶେଷ ଦିନ । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଅନେକ ବ୍ୟକ୍ତିତ୍ୱ ଏଥିପାଇଁ ନାମାଙ୍କନପତ୍ର ଦାଖଲ କରିଥିବାରୁ ଆନନ୍ଦ ପ୍ରକାଶ କରିଛନ୍ତି । ଗତ ଏକ ଦଶନ୍ଧି ମଧ୍ୟରେ ସରକାର ତୃଣମୂଳ ସ୍ତରର ଅଗଣିତ ବୀରଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରିଛନ୍ତି ବୋଲି ସେ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ପୁରସ୍କାର ବିଜେତାମାନଙ୍କ ଜୀବନଯାତ୍ରା ଅଗଣିତ ଲୋକଙ୍କୁ ପ୍ରେରଣା ଦେଇଛି ଏବଂ ସେମାନଙ୍କ ଧୈର୍ଯ୍ୟ ଓ ଦୃଢ଼ତା ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି । ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଏବଂ ଏଥିରେ ଜନସାଧାରଣଙ୍କ

ଅଂଶଗ୍ରହଣ କରିବା ଉଦ୍ଦେଶ୍ୟରେ ସରକାର ବିଭିନ୍ନ ପଦ୍ମ ପୁରସ୍କାର ପାଇଁ ଅନ୍ୟମାନଙ୍କୁ ମନୋନୀତ କରିବାକୁ ଲୋକମାନଙ୍କୁ ଆମନ୍ତ୍ରଣ କରୁଛନ୍ତି।

## ଝାଡ଼ଖଣ୍ଡ-ଶିବରାଜ

ବିଜେପିର ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ୧୫ ତାରିଖରେ ଝାଡ଼ଖଣ୍ଡ ଗସ୍ତ କରି ପିଏମ ଆବାସ ଯୋଜନାର ପ୍ରଥମ କିସ୍ତି ହିତାଧିକାରୀଙ୍କ ଜମାଖାତାକୁ ପଠାଇବେ। ପ୍ରଧାନମନ୍ତ୍ରୀଙ୍କ ଜାମସେଦପୁର ଗସ୍ତ ପାଇଁ ପ୍ରସ୍ତୁତିର ସମୀକ୍ଷା କରିବା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି, ବନ୍ଦେ ଭାରତ ଟ୍ରେନକୁ ପତାକା ଦେଖାଇ ଶ୍ରୀ ମୋଦୀ ଉଦଘାଟନ କରିବେ। ଏହା ସହିତ ସେ ମଧ୍ୟ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି  ସେ କହିଛନ୍ତି।

## ସିବିଆଇ-ଆରେଷ୍ଟ

ଲାଞ୍ଚ ନେବା ମାମଲାରେ ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟି-ଡିପିସିସି ଜଣେ ଇଞ୍ଜିନିୟର ଏବଂ ଅନ୍ୟ ଜଣେ ମଧ୍ୟସ୍ଥିଙ୍କ ସମେତ  ଦୁଇଜଣଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଗିରଫ କରିଛି। ୯୧ ହଜାର ଟଙ୍କାରୁ ଅଧିକ ଟଙ୍କା ନେବା ବେଳେ ସିବିଆଇ ଉଭୟଙ୍କୁ ଗିରଫ କରିଛି। ଚଢ଼ଉବେଳେ ଜନୈକ ଇଞ୍ଜିନିୟରଙ୍କ ଘରୁ ପ୍ରାୟ ୨ କୋଟି ୩୯ ଲକ୍ଷ ନଗଦ ଟଙ୍କା ଜବତ ହୋଇଥିବା ସିବିଆଇ ସୂଚନା ଦେଇଛି। ସିବିଆଇ ଏହି ମାମଲାରେ

ଜନୈକ ଇଞ୍ଜିନିୟରଙ୍କ ସମେତ ୪ ଜଣ ମଧ୍ୟସ୍ଥିଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରିଛି। ଯେଉଁମାନେ କି ସଂସ୍ଥାଗୁଡ଼ିକୁ ଡିପିସିସି ସହମତି ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟରେ ଲିପ୍ତ ଥିବାର ଅଭିଯୋଗ ହୋଇଛି।

## ବିଜେପି- ମମତା

ବିଜେପି ପଶ୍ଚିମବଙ୍ଗ ଆର.ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି କରିଛି। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ବିଜେପି ମୁଖପାତ୍ର ଗୌରବ ଭାଟିଆମହିଳାମାନଙ୍କୁ ସୁରକ୍ଷା ଯୋଗାଇବାରେ ବିଫଳ ହୋଇଥିବା କୋଲକାତା ପୋଲିସ କମିଶନରଙ୍କୁ ବହିଷ୍କାର କରାଯାଉ ଦାବି କରିଛନ୍ତି। ସେ କହିଛନ୍ତି, ବିଜେପି ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଏବଂ ପଶ୍ଚିମବଙ୍ଗରେ ମହିଳାଙ୍କୁ ସୁରକ୍ଷା ଦେବାକୁ ଚାହୁଁଛି।

## ଜିଏସ୍‌ଟି କାଉନସିଂଲ ମିଟିଂ

ନୂଆଦିଲ୍ଲୀରେ ୫୪ତମ ଜିଏସଟି ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ରାଜ୍ୟର ଅର୍ଥମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଜୁନ୍ ମାସରେ ଶେଷ ଥର ପାଇଁ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ

ପରିଷଦ ସମସ୍ତ ଇସ୍ପାତ, ଲୁହା ଏବଂ ଆଲୁମିନିୟମ୍, ଦୁଗ୍ଧ କ୍ୟାନ୍ ଉପରେ ୧୨ ପ୍ରତିଶତ ଜିଏସ୍‌ଟି ଲାଗୁ କରିବାକୁ ସୁପାରିସ କରିଥିଲା। ପ୍ଲାଟଫର୍ମ ଟିକେଟ ବିକ୍ରି, ରିଟାୟରିଂ ରୁମ୍ ଓ ପ୍ରତୀକ୍ଷା ଗୃହର ସୁବିଧା ଏବଂ ବ୍ୟାଟେରୀ ଚାଳିତ କାର୍ ସେବା ସମେତ ସାଧାରଣ ଲୋକଙ୍କୁ ଭାରତୀୟ ରେଳବାଇ ପ୍ରଦାନ କରୁଥିବା ସେବା ଉପରେ କୌଣସି ଜିଏସ୍‌ଟି ଲାଗୁ ହେବ ନାହିଁ ବୋଲି ପରିଷଦ ନିଷ୍ପତ୍ତି ନେଇଛି।

## ଇଣ୍ଡିଆନ-ଏୟାରଲାଇନ୍ସ ଏମ୍‌ଓୟୁ

ଲଜିଷ୍ଟିକ୍ସ ଅପରେସନ୍‌ରେ କର୍ମଚାରୀଙ୍କ ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧି ପାଇଁ ଭାରତୀୟ ସେନା ଏବଂ ବାୟୁସେନା’ ଗତିଶକ୍ତି ବିଶ୍ୱବିଦ୍ୟାଳୟ ସହିତ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଏକ ବିଶ୍ୱସ୍ତରୀୟ ଏବଂ ଭବିଷ୍ୟତରେ ଲଜିଷ୍ଟିକ୍ସ ବ୍ୟବସ୍ଥା ନିର୍ମାଣ କରିବା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଅଟେ। ବିଶ୍ୱବିଦ୍ୟାଳୟ ଅତ୍ୟାଧୁନିକ ଲଜିଷ୍ଟିକ୍ସ ଶିକ୍ଷା, ଗବେଷଣା ଏବଂ ନବସୃଜନ ସହିତ ସଶସ୍ତ୍ର ବାହିନୀକୁ ସଶକ୍ତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ କାର୍ଯ୍ୟ କରିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

## ପ୍ରତିରକ୍ଷା ଚୁକ୍ତିନାମା

ପ୍ରତିରକ୍ଷା ମନ୍ତ୍ରଣାଳୟ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ -ହାଲ୍ ସୁଖୋଇ-୩୦ ଏମ୍‌କେଆଇ, ୨୪୦ ଏଏଲ୍-୩୧ ଏଫ୍‌ପି ଏରୋ ଇଞ୍ଜିନ୍ ପାଇଁ ୨୬ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଏହି ଏରୋ ଇଞ୍ଜିନ୍ ଗୁଡ଼ିକ ହାଲ୍ କୋରାପୁଟ ଡିଭିଜନ ଦ୍ୱାରା ନିର୍ମାଣ କରାଯିବ। ପ୍ରତିରକ୍ଷା ପ୍ରସ୍ତୁତି ପାଇଁ ସୁଖୋଇ-୩୦ ଏମ୍‌କେଆଇ ଫ୍ଲିଟର ପରିଚାଳନା କ୍ଷମତାକୁ ଏହା ବୃଦ୍ଧି କରିବ। ହାଲ୍ ବାର୍ଷିକ ୩୦ଟି ଏରୋ ଇଞ୍ଜିନ୍ ଯୋଗାଇ ଦେବ ଏବଂ ସମସ୍ତ ୨୪୦ଟି ଇଞ୍ଜିନ୍ ଯୋଗାଣ ଆଗାମୀ ୮ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ମିଳିଛି। ଏହା କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ଅଭିଯାନକୁ ପ୍ରୋତ୍ସାହିତ କରିବା ସହିତ ହାଲ୍’ ଦେଶର ପ୍ରତିରକ୍ଷା ଉତ୍ପାଦନ ଇକୋସିଷ୍ଟମ ଠାରୁ ସମର୍ଥନ ହାସଲ କରିବ। ଏହାଦ୍ୱାରା ଏମ୍‌ଏସ୍‌ଏମ୍‌ଇ ଓ ଉଭୟ ସରକାରୀ ଏବଂ ଘରୋଇ ଶିଳ୍ପ ସଂସ୍ଥାଗୁଡ଼ିକ ସାମିଲ ହୋଇପାରିବେ।

## ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଜନତା ଦଳ (ୟୁନାଇଟେଡ୍) ବିଜେପି ସହ ଲଢ଼ିବ ବୋଲି ଜେଡିୟୁ କାର୍ଯ୍ୟକାରୀ ସଭାପତି ସଞ୍ଜୟ ଝା’ ରାଞ୍ଚିରେ ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଦୁଇ ଦଳ ମଧ୍ୟରେ

ଆସନ ବୁଝାମଣା ପ୍ରକ୍ରିୟା ଖୁବ୍ ଶୀଘ୍ର ଚୂଡ଼ାନ୍ତ ହେବ ବୋଲି ସେ କହିଛନ୍ତି । ଶ୍ରୀ ଝା' ଆଜି ଦଳୀୟ ନେତାମାନଙ୍କ ସହ ବୈଠକରେ ଆଲୋଚନା କରି ରାଜ୍ୟର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଉପରେ ସମୀକ୍ଷା କରିଛନ୍ତି ।

## ଜୟଶଙ୍କର ଜିସିସି ମିଟିଂ

ସାଉଦିଆରବର ରାଜଧାନୀ ରିୟାଦରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଉପସାଗରୀୟ ସହଯୋଗ ସମିତି- ଜିସିସି ରାଷ୍ଟ୍ରଗୁଡ଼ିକର ପ୍ରତିପକ୍ଷ ମନ୍ତ୍ରୀମାନଙ୍କ ସହ ଦ୍ୱିପକ୍ଷୀୟ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି । ଏଥିରେ ଦ୍ୱିପକ୍ଷୀୟ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି ।

ସେଠାକାର ବୈଦେଶିକ ମନ୍ତ୍ରୀ ଫୈଜଲ ବିନ୍ ଫରହାନଙ୍କ ସହ ସାକ୍ଷାତ ବେଳେ ଡକ୍ଟର ଜୟଶଙ୍କର ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ନିକଟ ଭବିଷ୍ୟତରେ ସେ ତାଙ୍କର ସାଉଦି ପ୍ରତିପକ୍ଷଙ୍କୁ ଭାରତ ଗସ୍ତରେ ଆସିବା ପାଇଁ ଆମନ୍ତ୍ରଣ କରିଛନ୍ତି । କୁଏତ ବୈଦେଶିକ ମନ୍ତ୍ରୀ ଅବଦୁଲ୍ଲା ଅଲ୍ଲୀ ଅଲ-ୟାହିୟାଙ୍କ ସହ ଡକ୍ଟର ଜୟଶଙ୍କରଙ୍କ ଆଲୋଚନା ଫଳପ୍ରଦ ହୋଇଥିବ ସେ କହିଛନ୍ତି । ଏହି ସମ୍ପର୍କକୁ ଦୃଢ଼ୀଭୁତ କରିବାକୁ ଉଭୟ ଦେଶ ଯୁଗ୍ମ ଆୟୋଗ ବୈଠକ ଡାକିବାକୁ ନିଷ୍ପତ୍ତି ନେଇଛନ୍ତି ।

ସେହିପରି ବାହାରେନର ବୈଦେଶିକ ମନ୍ତ୍ରୀ ଡକ୍ଟର ଅବଦୁଲ୍ଲାତିଫ୍ ବିନ୍ ରସିଦ୍ ଅଲ୍ ଜାୟାନିଙ୍କ ସହ ହୋଇଥିବା  ଆଲୋଚନା ଫଳପ୍ରଦ ହୋଇଛି ବୋଲି ସେ କହିଛନ୍ତି ।

ଓମାନର ବୈଦେଶିକ ମନ୍ତ୍ରୀ ବଦର ଅଲବୁସାଇଦିଙ୍କ ସହ ହୋଇଥିବା ଆଲୋଚନା ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବ ବୋଲି ଡକ୍ଟର ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି ।

## ଶ୍ରୀଲଙ୍କା- ଇଣ୍ଡିଆ ଟୁରିଜିମ୍

ଶ୍ରୀଲଙ୍କା ପର୍ଯ୍ୟଟନ କ୍ଷେତ୍ରରେ ଚଳିତ ବର୍ଷ ଗତ ୮ ମାସ ମଧ୍ୟରେ ଭାରତ ଶୀର୍ଷ ସ୍ଥାନରେ ରହିଛି । ପ୍ରାୟ ୨ ଲକ୍ଷ ୬୦ ହଜାର ଭାରତୀୟ ପର୍ଯ୍ୟଟକ ଶ୍ରୀଲଙ୍କାକୁ ବୁଲିବାକୁ ଯାଇଥିବା ବେଳେ ଗତ ଆଠ ମାସ ମଧ୍ୟରେ ସମୁଦାୟ ୧.୩୬ ନିୟୁତ ପର୍ଯ୍ୟଟକ ସେଠାକୁ ଆସିଛନ୍ତି । ଶ୍ରୀଲଙ୍କା ପର୍ଯ୍ୟଟନ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ ସୂଚନା ଅନୁଯାୟୀ, ୨୦୨୩ ବର୍ଷ ତୁଳନାରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟଟକଙ୍କ ସଂଖ୍ୟା ୫୦ ଦଶମିକ ୭ ପ୍ରତିଶତ ବୃଦ୍ଧି ଘଟିଛି ।

## ଶ୍ରୀଲଙ୍କା ଇଲେକସନ୍

ଶ୍ରୀଲଙ୍କାର ଜାତୀୟ ନିର୍ବାଚନ ଆୟୋଗ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ  ପ୍ରାର୍ଥୀ ଏବଂ ସେମାନଙ୍କ ପ୍ରତିନିଧିମାନଙ୍କୁ

ଆଜି ଏକ ଆଲୋଚନା ପାଇଁ ଆମନ୍ତ୍ରଣ କରିଛି। ଏହି ଆଲୋଚନା ବୈଠକରେ ଆଗାମୀ ରାଷ୍ଟ୍ରପତି ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟକଳାପ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ନିର୍ବାଚନ ଆୟୋଗର ଅଧ୍ୟକ୍ଷ ଆର୍.ଏମ୍.ଏ.ଏଲ୍ ରତ୍ନାଏକେ କହିଛନ୍ତି, ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ସଂଗଠନ ସହିତ ଏକ ପୃଥକ ଆଲୋଚନା ହେବ। ସୂଚନାଯୋଗ୍ୟ, ଶ୍ରୀଲଙ୍କାରେ ରାଷ୍ଟ୍ରପତି ନିର୍ବାଚନ ଆସନ୍ତା  ୨୧ ତାରିଖରେ ଅନୁଷ୍ଠିତ ହେବ।